# NATIONAL NEWS BULLETIN (ODIA)

## 14 August - 2024

## Morning Bulletin : 7.15 A.M.

**********************************

## ମୁଖ୍ୟ ସମ୍ବାଦ

- ସ୍ୱାଧୀନତା ଦିବସ ପାଳନର ଅବ୍ୟବହିତ ପୂର୍ବରୁ ଆଜି ସନ୍ଧ୍ୟାରେ ଦେଶକୁ ସମ୍ବୋଧନ କରିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।
- ଡାକ୍ତର ଛାତ୍ରୀ ହତ୍ୟା ଘଟଣାରେ ଚାଲିଥିବା ଧାରଣାକୁ ପ୍ରତ୍ୟାହାର କଲା ଫେଡେରେସନ୍ ଅଫ୍ ରେସିଡେଣ୍ଟ ଡକ୍ଟର ଆସୋସିଏସନ୍ ।
- ହରିଆନା ବିଧାନସଭା ପ୍ରସ୍ତୁତି ନେଇ ନିର୍ବାଚନ ଆୟୋଗଙ୍କ ସମୀକ୍ଷା ।
- ଇସ୍ରାଏଲ୍ ବିରୋଧରେ ପ୍ରତିଶୋଧ ପଦକ୍ଷେପ ନେବାରୁ ଦୂରେଇ ରହିବା ସଂକ୍ରାନ୍ତ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କଲା ଇରାନ୍

ଏବଂ

- କୁସ୍ତି ଯୋଦ୍ଧା ବିନେଶ ଫୋଗଟ୍ ମାମଲାର ରାୟ ଆସନ୍ତା ୧୬ ତାରିଖରେ ପ୍ରକାଶ ପାଇବାର ସମ୍ଭାବନା ଅଛି ବୋଲି ଆଇ.ଓ.ଏ.ର ସୂଚନା ।

## ପ୍ରେଜ୍-ଆଡ୍ରେସ୍

୭୮ତମ ସ୍ୱାଧୀନତା ଦିବସ ପାଳନର ଅବ୍ୟବହିତ ପୂର୍ବରୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ସନ୍ଧ୍ୟାରେ ଦେଶବାସୀଙ୍କୁ ସମ୍ବୋଧନ କରିବେ । ସନ୍ଧ୍ୟା ୭ଟାରେ ଆକାଶବାଣୀ ଏବଂ ଦୂରଦର୍ଶନର ସମସ୍ତ ଚ୍ୟାନେଲ୍ ମାଧମରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ପ୍ରସାରଣ କରାଯିବ । ଦୂରଦର୍ଶନରେ ରାଷ୍ଟ୍ରପତିଙ୍କ ହିନ୍ଦୀ ଏବଂ ଇଂରାଜୀ ଅଭିଭାଷଣ ପରେ ପରେ ଏହାର ଆଞ୍ଚଳିକ ଭାଷାନ୍ତରଣ ପ୍ରସାରଣ କରାଯିବ । ସେହିଭଳି ଆକାଶବାଣୀରେ ରାତି ସାଢ଼େ ୯ଟାରେ ରାଷ୍ଟ୍ରପତିଙ୍କ ଅଭିଭାଷଣର ଆଞ୍ଚଳିକ ଭାଷାନ୍ତରଣ ପ୍ରସାରଣ ହେବ ।

## ଡକ୍ଟର ଷ୍ଟ୍ରାଇକ୍ କଲ୍ଡ ଅଫ୍

କୋଲକାତାରେ ଡାକ୍ତରୀ ଛାତ୍ରୀ ହତ୍ୟା ଘଟଣାରେ ଚାଲିଥିବା ଧାରଣାକୁ ପ୍ରତ୍ୟାହାର କରିବାକୁ ଫେଡେରେସନ୍ ଅଫ୍ ରେସିଡେଣ୍ଟ ଡକ୍ଟର ଆସୋସିଏସନ୍ ନିଷ୍ପତ୍ତି ନେଇଛି । ନୂଆଦିଲ୍ଲୀ ଠାରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଜେ.ପି. ନଡ୍ଡାଙ୍କ ସହ ଆଲୋଚନା ପରେ ସଂଘ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି । ଏହି ଘଟଣାରେ ଗତ ସୋମବାରଠାରୁ ଦେଶ ବ୍ୟାପି ରେସିଡେଣ୍ଟ ଡକ୍ଟର ଆନ୍ଦୋଳନରେ ସାମିଲ ହୋଇଥିଲେ । ସଂଘର ସଭାପତି ଅଭିରଲ ମାଥୁର୍

କହିଛନ୍ତି, ସେମାନଙ୍କ ଦାବି ଉପରେ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଠାରୁ ନିର୍ଦ୍ଧାରିତ ସମୟରେ ସମାଧାନ ପ୍ରତିଶ୍ରୁତି ମିଳିବା ପରେ ସଂଘ ପକ୍ଷରୁ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି । ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀ ନଡ୍ଡା ସଂଘର ଏହି ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି । ଏକ ସୁରକ୍ଷିତ ଏବଂ ଉନ୍ନତ କାର୍ଯ୍ୟ ବାତାବରଣ ସୁନିଶ୍ଚିତ କରିବା ପାଇଁ ତାଙ୍କ ମନ୍ତ୍ରଣାଳୟ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରିବ ବୋଲି ଶ୍ରୀ ନଡ୍ଡା ସଂଘର ପ୍ରତିନିଧି ମଣ୍ଡଳୀକୁ ପ୍ରତିଶ୍ରୁତି ଦେଇଥିଲେ ।

ସୂଚନା ଯୋଗ୍ୟ ଏହି ଘଟଣାର ସି.ବି.ଆଇ. ତଦନ୍ତ ପାଇଁ ଗତକାଲି କୋଲକାତା ହାଇକୋର୍ଟ୍ ନିର୍ଦ୍ଦେଶ ଦେଇଛନ୍ତି ।

## ଇସ୍ରୋ-ନ୍ୟାସନାଲ୍ ସ୍ପେସ୍ ଡେ

ଚନ୍ଦ୍ରର ଦକ୍ଷିଣ ମେରୁ ଅଞ୍ଚଳରେ ଚନ୍ଦ୍ରଯାନ-୩ର ସଫଳ ପଦାର୍ପଣ ପରେ ଭାରତ ବିଶ୍ୱର ପ୍ରଥମ ଦେଶ ତଥା ଚନ୍ଦ୍ରପୃଷ୍ଠରେ ପହଞ୍ଚିବାରେ ଚତୁର୍ଥ ଦେଶର ମାନ୍ୟତା ହାସଲ କରିଥିଲା । ଗତବର୍ଷ ଅଗଷ୍ଟ ୨୩ ତାରିଖରେ ଏହି ଐତିହାସିକ ସଫଳତାକୁ ସମ୍ମାନ ଜଣାଇ ଏହି ଦିନକୁ ଜାତୀୟ ମହାକାଶ ଦିବସ ଭାବେ ପାଳନ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଘୋଷଣା କରିଥିଲେ । ଚଳିତ ବର୍ଷ ପ୍ରଥମ ଜାତୀୟ ମହାକାଶ ଦିବସ ପାଳନ କରାଯିବ । ଏହାର ଶୀର୍ଷକ ରହିଛି “ଚନ୍ଦ୍ରକୁ ସ୍ପର୍ଶ କରିବା ସମୟରେ ଜୀବନକୁ ସ୍ପର୍ଶ କରିବା ଭାରତ ମହାକାଶ ସାଗା” । ଏହି

ଦିବସର ଉଲ୍ଲେଖନୀୟ ସଫଳତାକୁ ସ୍ମରଣ କରି ଦେଶରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି । ଇସ୍ରୋର ବିଶିଷ୍ଟ ବୈଜ୍ଞାନିକ ତଥା ବେଙ୍ଗାଲୁରୁ ସ୍ଥିତ ୟୁ.ଆର୍. ରାଓ ସାଟେଲାଇଟ୍ ସେଣ୍ଟରର ନିର୍ଦ୍ଦେଶକ ଏମ୍. ଶଙ୍କରନ୍ ଜାତୀୟ ମହାକାଶ ଦିବସର ପ୍ରାସଙ୍ଗିକତା ଉପରେ ଆକାଶବାଣୀ ସମ୍ବାଦ ବିଭାଗ ସହ ବିଶେଷ ଆଲୋଚନା କରିଛନ୍ତି । ମୁଖ୍ୟ କାର୍ଯ୍ୟକ୍ରମକୁ ନୂଆଦିଲ୍ଲୀ ଠାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଦ୍‌ଘାଟନ କରିବେ । ଏହା ପୂର୍ବରୁ ଭାରତର ମହାକାଶ କାର୍ଯ୍ୟକ୍ରମ ଉପରେ ସଚେତନ ସୃଷ୍ଟି କରିବା ପାଇଁ ରୋବୋଟିକ୍ ଚ୍ୟାଲେଞ୍ଜ ଏବଂ ହାକାଥନ୍‌ର ଆୟୋଜନ କରାଯାଉଛି ବୋଲି ଶ୍ରୀ ଶଙ୍କରନ୍ ସୂଚନା ଦେଇଛନ୍ତି ।

## ଇଣ୍ଡିଆ-ଅଷ୍ଟ୍ରେଲିଆ ଟେରୋରିଜିମ୍

ଭାରତ ଏବଂ ଅଷ୍ଟ୍ରେଲିଆ ଆତଙ୍କବାଦୀ କାର୍ଯ୍ୟକଳାପକୁ ତୀବ୍ର ନିନ୍ଦା କରିବା ସହ ଏହାକୁ ଦମନ କରିବା ପାଇଁ ଆନ୍ତର୍ଜାତିକ ସହଯୋଗକୁ ଅଧିକ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ନୂଆଦିଲ୍ଲୀ ଠାରେ ଗତକାଲି ୧୪ତମ ଭାରତ-ଅଷ୍ଟ୍ରେଲିଆ ଆତଙ୍କବାଦ ନିରୋଧ ଯୁଗ୍ମ କାର୍ଯ୍ୟକାରୀ ଗୋଷ୍ଠୀ ବୈଠକରେ ଏ ନେଇ ଆଲୋଚନା ହୋଇଛି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି, ଉଭୟ ଦେଶ ସୀମାପାର ଆତଙ୍କବାଦକୁ ସମାଲୋଚନା କରିଛନ୍ତି । ଘରୋଇ, ଆଞ୍ଚଳିକ ଏବଂ

ବିଶ୍ୱସ୍ତରରେ ଆତଙ୍କବାଦୀ କାର୍ଯ୍ୟକଳାପକୁ ପ୍ରତିହତ କରିବା ନେଇ ଉଭୟ ଦେଶ ବିଭିନ୍ନ ଦିଗ ଉପରେ ଆଲୋଚନା କରିଛନ୍ତି । ଆତଙ୍କବାଦୀ କାର୍ଯ୍ୟକଳାପରେ ନୂତନ ଜ୍ଞାନକୌଶଳର ଉପଯୋଗ ହେଉଥିବାରୁ ଦୁଇ ଦେଶ ଏ ନେଇ ଚିନ୍ତାପ୍ରକଟ କରିବା ସହ ବହିତ ପଦକ୍ଷେପ ନେବା ପାଇଁ ଯୋଜନା ପ୍ରସ୍ତୁତି ଉପରେ ଆଲୋଚନା କରିଛନ୍ତି । ଏହି ବୈଠକରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ଆତଙ୍କବାଦ ନିରୋଧି ବିଭାଗ ଯୁଗ୍ମ ସଚିବ କେ.ଡି. ଦେଓ୍ୱାଲ ଏବଂ ଅଷ୍ଟ୍ରେଲିଆର ପ୍ରତୀପକ୍ଷ ରିଚାର୍ଡ ଫିଙ୍କ୍ସ ସେମାନଙ୍କ ପ୍ରତିନିଧି ମଣ୍ଡଳୀର ନେତୃତ୍ୱ ନେଇଥିଲେ ।

## ହରିଆନା-ପୋଲ୍

ହରିଆନା ବିଧାନସଭା ନିର୍ବାଚନ ପ୍ରସ୍ତୁତି ନେଇ ମୁଖ୍ୟ ନିର୍ବାଚନ କମିଶନର୍ ରାଜୀବ କୁମାର ଏବଂ ନିର୍ବାଚନ କମିଶନର୍ ଜ୍ଞାନେଶ କୁମାର ଓ ଏସ୍.ଏସ୍. ସାନ୍ଧୁ ସମୀକ୍ଷା କରିଛନ୍ତି । ଏହି ଦୁଇ ଦିନିଆ ଗସ୍ତ ସମୟରେ ଆୟୋଗ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିଙ୍କ ସହ ଆଲୋଚନା କରିଥିଲେ । ରାଜନୈତିକ ଦଳ ଗୁଡ଼ିକର ପରାମର୍ଶକୁ ଗୁରୁତ୍ୱ ଦିଆଯାଉଛି ବୋଲି ଆଲୋଚନାକାଳରେ ଆୟୋଗଙ୍କ ପକ୍ଷରୁ ସୂଚନା ଦିଆଯାଇଛି । ରାଜ୍ୟରେ ସ୍ୱଚ୍ଛ, ଅବାଧ ଓ ନିରପେକ୍ଷ ନିର୍ବାଚନ ପରିଚାଳନା ପାଇଁ ଆୟୋଗ ପ୍ରତିଶ୍ରୁତିବଦ୍ଧ ବୋଲି କହିଛନ୍ତି । ସୂଚନା ଯୋଗ୍ୟ ଚଳିତ

ବିଧାନସଭାର କାର୍ଯ୍ୟକାଳ ଆସନ୍ତା ନଭେମ୍ବର ୩ ତାରିଖରେ ଶେଷ ହେବାକୁ ଯାଉଛି ।

## ଇରାନ୍-ଇସ୍ରାଏଲ୍

ତେହେରାନ୍‌ରେ ହମାସ ନେତା ଇସ୍‌ମାଇଲ୍ ହାନିୟେହେଙ୍କ ହତ୍ୟା ଘଟଣାରେ ଇସ୍ରାଏଲ୍ ବିରୋଧରେ ପ୍ରତିଶୋଧ ପଦକ୍ଷେପ ନେବାରୁ ଦୂରେଇ ରହିବାକୁ ବ୍ରିଟେନ୍ ଏବଂ ଅନ୍ୟ ପାଶ୍ଚାତ୍ୟ ଦେଶ ଗୁଡ଼ିକର ଆହ୍ୱାନକୁ ଇରାନ୍ ପ୍ରତ୍ୟାଖ୍ୟାନ କରିଛି । ବ୍ରିଟେନ୍ ପ୍ରଧାନମନ୍ତ୍ରୀ କିର୍ ଷ୍ଟାରମର୍ ଗତକାଲି ଟେଲିଫୋନ୍ ବାର୍ତ୍ତାଳାପ ସମୟରେ ଏଭଳି ସାମରିକ ଆକ୍ରମଣକୁ ରୋକିବା ପାଇଁ ଇରାନ୍ ରାଷ୍ଟ୍ରପତି ମାସୁଦ୍ ପେଜେସ୍କିଆନ୍‌ଙ୍କୁ ଅନୁରୋଧ କରିଥିଲେ । ଇରାନ୍‌ର ସରକାରୀ ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ପେଜେସ୍କିଆନ୍ କହିଛନ୍ତି, ଇରାନ୍‌କୁ ଆଇନ୍‌ଗତ ସୁରକ୍ଷା ପ୍ରଦାନ କରିବା ପାଇଁ ପ୍ରତିଶୋଧ ମୂଳକ ପଦକ୍ଷେପ ଏକମାତ୍ର ମାଧ୍ୟମ ।

ଅନ୍ୟ ପକ୍ଷରେ ହାନିୟେହେଙ୍କ ହତ୍ୟା କାଣ୍ଡରେ ସମ୍ପୃକ୍ତି ଅଭିଯୋଗକୁ ଇସ୍ରାଏଲ୍ ଏ ପର୍ଯ୍ୟନ୍ତ ଖଣ୍ଡନ କରିନାହିଁ । ତେବେ ସେନାକୁ ସର୍ବୋଚ୍ଚ ସତର୍କତା ମୂଳକ ପଦକ୍ଷେପ ଅବଲମ୍ବନ କରିବାକୁ କୁହାଯାଇଛି । ଆମେରିକା ଚେତାବନୀ ଦେଇ କହିଛି, ଇରାନ୍ ଚଳିତ ସପ୍ତାହରେ ଆକ୍ରମଣ ପାଇଁ ପ୍ରସ୍ତୁତ ହେଉଛି ।  ଲେବାନନରେ ଇରାନ୍ ସମର୍ଥିତ

ହିଜ୍‌ବୁଲା ଆନ୍ଦୋଳନର ଜଣେ ଶୀର୍ଷ କମାଣ୍ଡରଙ୍କ ଇସ୍ରାଏଲ୍ ବିମାନ ଆକ୍ରମଣରେ ମୃତ୍ୟୁର ପ୍ରତିଶୋଧନ ନେବାକୁ ମଧ୍ୟ ଧମକ ଦେଇଛି । ବ୍ରିଟେନ୍, ଫ୍ରାନ୍ସ ଓ ଜର୍ମାନୀର ନେତାଗଣ ଗତ ସନ୍ଧ୍ୟାରେ ଏକ ମିଳିତ ବିବୃତ୍ତି ଜାରି କରି ଆଞ୍ଚଳିକ ଉତ୍ତେଜନାକୁ ପ୍ରସମିତ କରିବା ଲକ୍ଷ୍ୟରେ ଇରାନ୍ ଏବଂ ଏହାର ସଯୋଗୀ ରାଷ୍ଟ୍ରମାନଙ୍କୁ ଇସ୍ରାଏଲ୍ ଆକ୍ରମଣରୁ ଦୂରେଇ ରହିବାକୁ  ଅନୁରୋଧ କରିଛନ୍ତି ।

# ଟିଏନ୍ ଲିଡର ଆରେଷ୍ଟ

ଆର୍ଥିକ ହେର୍‌ଫେର୍ ମାମଲାରେ ମାଇଲାପୋର ହିନ୍ଦୁ ସ୍ଥାୟୀ ଚିଟ୍‌ଫଣ୍ଡ ଲିମିଟେଡ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଦେବନାଥନ ଯାଦବଙ୍କୁ ଅର୍ଥନୈତିକ ଅପରାଧ ବିଭାଗ ଗତକାଲି ଗିରଫ୍ କରିଛି । ତାମିଲନାଡୁର ପୁଡୁକୋଟାଇରୁ ତାଙ୍କୁ ଗିରଫ୍ କରାଯାଇଛି । ୫୦୦ କୋଟିରୁ ଅଧିକ ଟଙ୍କା ଠକେଇ ଅଭିଯୋଗ ନେଇ ତାଙ୍କ ବିରୁଦ୍ଧରେ ମାମଲା ରୁଜୁ ହୋଇଥିବା ଅର୍ଥନୈତିକ ଅପରାଧ ବିଭାଗ ସୂଚନା ଦେଇଛି । ଦେବନାଥନ୍ ହେଉଛନ୍ତି, ଇଣ୍ଡିଆ ମକ୍କଲ୍ କଲଭି ମୁନେତ୍ରା କାଜଗମ୍‌ର ନେତା ଏବଂ ୱିନ୍ ଟିଭି ନାମକ ଏକ ଘରୋଇ ଚ୍ୟାନେଲ୍‌ର ମାଲିକ । ସୂଚନା ଯୋଗ୍ୟ ଗତ ସାଧାରଣ ନିର୍ବାଚନରେ ସେ ଶିବଗଙ୍ଗା ଲୋକସଭା ନିର୍ବାଚନ ମଣ୍ଡଳୀରୁ ବିଜେପି ସମର୍ଥନରେ ନିର୍ବାଚନ ଲଢ଼ିଥିଲେ ।

# ଏପି-ସିଏମ୍ ମିଟିଂ

ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ଗତକାଲି ଅମରାବତୀ ଠାରେ କ୍ୟାପାସିଟି ବିଲ୍ଡିଂ କମିଶନ୍  ସି.ବି.ସି.ର ଅଧ୍ୟକ୍ଷ ଆଦିଲ୍ ଜୈନୁଲଭାଇଙ୍କ ନେତୃତ୍ୱରେ ଆସିଥିବା ପ୍ରତିନିଧି ମଣ୍ଡଳୀ ସହ ଆଲୋଚନା କରିଛନ୍ତି । ଅମରାବତୀ ଠାରେ ଏକ ବିଶ୍ୱସ୍ତରୀୟ ସୁ-ପ୍ରଶାସନ ପ୍ରତିଷ୍ଠାନ ନିର୍ମାଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ନାଇଡୁ ଏହି ପ୍ରତିନିଧି ମଣ୍ଡଳୀ ସହ ଆଲୋଚନା କରିଛନ୍ତି । ସ୍ୱଚ୍ଛ ପ୍ରଶାସନ ଲକ୍ଷ୍ୟରେ କର୍ମଚାରୀ ପ୍ରଶିକ୍ଷଣ ପାଇଁ ଆନ୍ଧ୍ରପ୍ରଦେଶ ସରକାର ସି.ବି.ସି. ସହ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିବେ । ପ୍ରଶିକ୍ଷଣ ନୀତି ପ୍ରସ୍ତୁତ ସହ ଏହାର ଅଗ୍ରଗତି ଉପରେ ନଜର ରଖିବା ଲାଗି ଏକ ଟାସ୍କଫୋର୍ସ୍ ଗଠନ କରିବାକୁ ମୁଖ୍ୟମନ୍ତ୍ରୀ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଶ୍ରୀ ନାଇଡୁ କହିଛନ୍ତି, କୃତ୍ରିମ ବୁଦ୍ଧିମତା ଭଳି ଉନ୍ନତ ଜ୍ଞାନକୌଶଳ ବ୍ୟବହାର ମାଧ୍ୟମରେ ଲୋକାଭିମୁଖୀ ଶାସନ ପ୍ରଦାନ କରିବା ପାଇଁ କର୍ମଚାରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିବା ସରକାରଙ୍କ ଲକ୍ଷ୍ୟ ରହିଛି ।

# ବିନେସ୍ ଫୋଗତ୍-ହିଅରିଂ

ଭାରତୀୟ କୁସ୍ତି ଯୋଦ୍ଧା ବିନେଶ ଫୋଗତ୍‌ଙ୍କ ମାମଲାର ରାୟ ପ୍ରକାଶକୁ କୋର୍ଟ୍ ଅଫ୍ ଆର୍ବିଟ୍ରେସନ୍ ଫର୍ ସ୍ପୋର୍ଟସ୍ (ସି.ଏ.ଏସ୍.) ସ୍ଥଗିତ ରଖିଛନ୍ତି । ଆସନ୍ତା ୧୬ ତାରିଖରେ ଏହି ରାୟ ପ୍ରକାଶ ପାଇବାର ସମ୍ଭାବନା ରହିଛି ବୋଲି ଗତକାଲି ଆଇ.ଓ.ଏ. ପକ୍ଷରୁ ଜାରି ଏକ ବିବୃତ୍ତିରେ କୁହାଯାଇଛି ।

ସୂଚନା ଯୋଗ୍ୟ ଗତକାଲି ଏହି ରାୟ ପ୍ରକାଶ ପାଇବାର ଦିନ ଧାର୍ଯ୍ୟ ହୋଇଥିଲା । ଆଇ.ଓ.ଏ. କହିଛି, ସି.ଏ.ଏସ୍. ଆଡହକ୍ ଡିଭିଜନ୍ ସଭାପତି ଏହି ମାମଲାରେ ଏକ ମାତ୍ର ମଧ୍ୟସ୍ଥ ଡକ୍ଟର ଆନାବେଲ ବେନେଟ୍‌ଙ୍କୁ ଏହି ସମୟସୀମା ବୃଦ୍ଧି କରିବାକୁ ଅନୁମତି ପ୍ରଦାନ କରିଛନ୍ତି । କ୍ୟୁବା କୁସ୍ତି ଯୋଦ୍ଧା ୟୁସ୍ନେଲିସ୍ ଗୁଜମାନ୍ ଲୋପେଜ୍‌ଙ୍କ ସହ ମିଳିତ ଭାବେ ରୌପ୍ୟ ପଦକ ଦାବି କରି ବିନେଶ ଫୋଗତ୍ ସି.ଏ.ଏସ୍.ରେ ଆବେଦନ କରିଥିଲେ । ଅଲିମ୍ପିକ୍ସ ପ୍ରତିଯୋଗିତାରେ ସେମିଫାଇନାଲ୍ ପ୍ରତିଯୋଗିତାରେ ଲୋପେଜ୍ ବିନେଶଙ୍କ ଠାରୁ ପରାସ୍ତ ହୋଇଥିଲେ ମଧ୍ୟ ବିନେଶଙ୍କା ଅଯୋଗ୍ୟତା ଘୋଷଣା ପରେ ଲୋପେଜ୍ ଫାଇନାଲ୍ ଖେଳିଥିଲେ । ଫାଇନାଲ୍ ମୁକାବିଲା ପୂର୍ବରୁ ଓଜନ ମାପ ସମୟରେ ବିନେଶଙ୍କ ଓଜନ ୧୦୦ ଗ୍ରାମ ଅଧିକ ଥିବାରୁ ତାଙ୍କୁ ଅଯୋଗ୍ୟ ଘୋଷଣା କରାଯାଇଥିଲା ।